# DAV PUBLIC SCHOOLS, BHUBANESWAR
# PERIODIC ASSESSMENT-I (2022-23)

- Please check that this question paper contains **03** printed pages.
- Check that this question paper contains **07** questions.
- Write down the Serial Number of the question in the left side of the margin before attempting it.
- 15 minutes time has been allotted to read this question paper. The question paper will be distributed 15 minutes prior to the commencement of the examination. The students will read the question paper only and will not write any answer on the answer script during this period.

## CLASS -VIII
## SUBJECT: HIGHER ODIA

**Time Allowed: 1½ Hours** **Maximum Marks : 40**

ସାଧାରଣ ନିର୍ଦ୍ଦେଶାବଳୀ

- ପ୍ରଶ୍ନପତ୍ରରେ ୪ଟି ବିଭାଗରେ ୭ଟି ମୁଦ୍ରିତ ପ୍ରଶ୍ନ ରହିଛି ।
- ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।
- ପ୍ରଶ୍ନପତ୍ରର କ୍ରମିକ ସଂଖ୍ୟା ଉତ୍ତର ଖାତାରେ ଠିକ୍ ଭାବରେ ଲେଖ ।
- ଅକ୍ଷରଗୁଡ଼ିକ ସୁନ୍ଦର ଓ ପରିଷ୍କାର ଭାବରେ ଲେଖ ।
- ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖିସାରିବା ପରେ ଗୋଟିଏ ଧାଡ଼ି ଛାଡ଼ି ଅନ୍ୟ ଉତ୍ତରଟି ଲେଖିବା ଆରମ୍ଭ କର ।

### 'କ'- ବିଭାଗ (୫)

**Q1.** ନିମ୍ନଲିଖିତ ଅନୁଚ୍ଛେଦଟିକୁ ପଢ଼ି ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ପୂର୍ଣ୍ଣ ବାକ୍ୟରେ ଲେଖ । **[5x1=5]**

ଖ୍ରୀଷ୍ଟପୂର୍ବ ୪୦୦ବର୍ଷ ତଳେ ପାରସ୍ୟର ଲୋକେ ଗରମ ଦିନରେ ଖାଇବା ପାଇଁ ସିମେଇ , ଗୋଲାପ ଜଳ ଓ ବରଫ ମିଶାଇ ଏକ ନୂତନ ଧରଣର ଖାଦ୍ୟ ଆବିଷ୍କାର କଲେ । ଆଇସ୍‌କ୍ରିମ୍‌ରେ କ୍ଷୀର ମିଶାଇବାର ପ୍ରଣାଳୀ ପ୍ରଥମେ ଆରବର ଲୋକେ ଶିଖିଥିଲେ । ମାତ୍ର ୯୬୦ଖ୍ରୀଷ୍ଟାବ୍ଦରେ ଚୀନ୍‌ରେ ସାଂ ବଂଶର ରାଜା ତାୟେଂଙ୍କ ଉଦ୍ୟମରେ ପ୍ରଥମେ କୃତ୍ରିମ ଉପାୟରେ ବରଫ ତିଆରି କରାଯାଇଥିଲା । ଏକଦା ଭୂପର୍ଯ୍ୟଟକ ମାର୍କୋପୋଲୋ ଚୀନ୍ ଭ୍ରମଣରେ ଆସି ଆଇସ୍‌କ୍ରିମ୍‌ର ସ୍ୱାଦ ଚାଖିବାର ସୁଯୋଗ ଲାଭ କରିଥିଲେ ଓ ବିଭିନ୍ନ ଉପାୟ ଚିନ୍ତା କରି ଶେଷରେ ନିଜ ଦେଶ

ଇଟାଲୀକୁ ଏହାର ପ୍ରସ୍ତୁତ ପ୍ରଣାଳୀ ନେଇ ଯାଇଥିଲେ । ଇଟାଲୀରୁ ଯାଇ ଏହା ପହଞ୍ଚିଲା ଫ୍ରାନ୍ସରେ । କିନ୍ତୁ ୧୮୭୭ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟୁୟର୍କରେ ପ୍ରଥମ କରି ଆଇସ୍କ୍ରିମ୍ ପାର୍ଲର ଖୋଲାଯାଇଥିଲା । ୧୮୫୦ ମସିହାରେ କେକୋବ ଫସେଲ୍ ଆମେରିକାର ପେନସିଲଭାନିଆଠାରେ ଆଇସ୍କ୍ରିମ୍ ଫ୍ୟାକ୍ଟ୍ରି ଖୋଲି ବ୍ୟବସାୟ ଆରମ୍ଭ କଲେ ଓ ଆଇସ୍କ୍ରିମ୍ ବ୍ୟବସାୟର ପିତା ହିସାବରେ ପରିଗଣିତ ହେଲେ ।

(କ) ଆଇସ୍କ୍ରିମ୍‌ରେ କ୍ଷୀର ମିଶାଇବାର ପ୍ରଣାଳୀ ପ୍ରଥମେ କେଉଁମାନେ ଶିଖିଥିଲେ ?

(ଖ) କିଏ ଇଟାଲୀକୁ ଆଇସ୍କ୍ରିମ୍‌ର ପ୍ରସ୍ତୁତ ପ୍ରଣାଳୀ ନେଇ ଯାଇଥିଲେ ?

(ଗ) କେଉଁଠାରେ ପ୍ରଥମ କରି ଆଇସକ୍ରିମ୍ ପାର୍ଲର ଖୋଲାଯାଇଥିଲା ?

(ଘ) ପାରସ୍ୟର ଲୋକେ ଗରମ ଦିନରେ ଖାଇବା ପାଇଁ କେଉଁ ଧରଣର ଖାଦ୍ୟ ଆବିଷ୍କାର କଲେ ?

(ଙ) କେକୋବ ଫସେଲ୍ କିପରି ଭାବରେ ଆଇସ୍କ୍ରିମ୍ ବ୍ୟବସାୟର ପିତା ହିସାବରେ ପରିଗଣିତ ହେଲେ ?

## 'ଖ'- ବିଭାଗ (୫)

Q2. ପରିବେଶ ସୁରକ୍ଷା ସମ୍ପର୍କରେ ଅନୁଚ୍ଛେଦଟିଏ ଲେଖ । [1x5=5]

## 'ଗ'- ବିଭାଗ (୧୦)

Q3. କ. ନିମ୍ନୋକ୍ତ ପ୍ରଶ୍ନଗୁଡ଼ିକ ପଢ଼ ଓ ଠିକ୍ ଉତ୍ତରଟି ଲେଖ । [3x1=3]

i. ଓଡ଼ିଆଭାଷାରେ କେତୋଟି ସ୍ୱର ବର୍ଣ୍ଣ ଅଛି ?

ii.ପ୍ରତ୍ୟେକ ବର୍ଗର ପଞ୍ଚମ ବର୍ଣ୍ଣଟିକୁ କି ପ୍ରକାର ବର୍ଣ୍ଣ କୁହାଯାଏ ?

iii.ଓଡ଼ିଆ ଭାଷାରେ ଅବର୍ଗ୍ୟ ବ୍ୟଞ୍ଜନ ବର୍ଣ୍ଣ ସଂଖ୍ୟା କେତେ ?

ଖ. ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ । [3x1=3]

i. ନାୟକ - ଲିଙ୍ଗ ପରିବର୍ତ୍ତନ କର ।

ii.ବିବାହ ଉତ୍ସବରେ ବନ୍ଧୁ ----- ଯୋଗ ଦିଅନ୍ତି । (ବର୍ଗ, ଦଳ)-ଉପଯୁକ୍ତ ଶବ୍ଦ ଲଗାଇ ଶୂନ୍ୟସ୍ଥାନ ପୂରଣ କର।

iii. ଆପଣ ପଢିବେ। - ରେଖାଙ୍କିତ ପଦଟି କେଉଁ ପୁରୁଷର ଅନ୍ତର୍ଭୁକ୍ତ ଲେଖ ।

ଗ. ନିମ୍ନୋକ୍ତ ଶବ୍ଦଗୁଡ଼ିକର ନିର୍ଦ୍ଦେଶାନୁଯାୟୀ ରୂପ ପରିବର୍ତ୍ତନ କର । [4x1=4]

i. ପୁଷ୍କରିଣୀ ଶବ୍ଦର ତଦ୍ଭବ ଶବ୍ଦ-----

ii. ଗୋସାଇଁ ଶବ୍ଦର ତତ୍ସମ ଶବ୍ଦ-------

iii. ଗ୍ରାହକ ଶବ୍ଦର ତଦ୍ଭବ ଶବ୍ଦ ------

iv. ମାଟି ଶବ୍ଦର ତତ୍ସମ ଶବ୍ଦ-------

## 'ଘ'- ବିଭାଗ (୨୦)

Q4. ସପ୍ରସଙ୍ଗ ସରଳାର୍ଥ ଲେଖ । [1x5=5]

ଏହାଙ୍କ ପ୍ରାୟେ ଯେବେ ହୋଇ
ସଂସାର ମଧ୍ୟେ ଦେହ ବହି ।

Q5. ସଂକ୍ଷେପରେ ଉତ୍ତର ଲେଖ । [3x2=6]

କ. ସୁଦର୍ଶନ ପ୍ରହରାଜଙ୍କର ବ୍ୟକ୍ତିତ୍ୱ କିପରି ଥିଲା?

ଖ. ବୃକ୍ଷକୁ ସୁଜନଙ୍କ ସହିତ ତୁଳନା କରାଯିବାର କାରଣ କ'ଣ?

ଗ. ସତ୍ୟବାଦୀ ବିଦ୍ୟାଳୟର ଛାତ୍ରମାନେ କିପରି ରୋଗୀସେବା କରୁଥିଲେ?

Q6. ଠିକ୍ ଉତ୍ତରଟିକୁ ବାଛି ଲେଖ । [4x1=4]

କ. କେଉଁଟି ଜଗନ୍ନାଥ ଦାସଙ୍କ ଦ୍ୱାରା ରଚିତ ହୋଇ ନ ଥିଲା ?

[ତୁଳାଭିଣା , ଅର୍ଥକୋଇଲି , ଦାରୁବ୍ରହ୍ମ ଗୀତା , ପରଂବ୍ରହ୍ମ ଗୀତା]

ଖ. ଲେଖକ ଉଦୟନାଥ ଷଡ଼ଙ୍ଗୀଙ୍କ ଆତ୍ମଜୀବନୀର ନାମ କ'ଣ ?

[ମିନିର ମନ କଥା , ଗାନ୍ଧି ମହାରାଜାଙ୍କ ଶିଷ୍ୟ , ଆଦିବାସୀ କଥା ,ଆମ ଗ୍ରହ ଉପଗ୍ରହ]

ଗ. କେଉଁମାନଙ୍କ ଆଗରେ ଶ୍ରୀକୃଷ୍ଣ ବୃକ୍ଷର ମହିମା କଥା କହୁଥିଲେ ?

[ନନ୍ଦରାଜା , ଯଶୋଦା , ଗୋପବାଳକ ,ଗୋପବାଳା]

ଘ. ବୈଦ୍ୟ ଗୋଡ଼ର କଟାଘାଆ ଶୁଖାଇବା ପାଇଁ କେଉଁ ଜିନିଷର ବ୍ୟବହାର କରୁଥିଲେ ?

[କଅଁଳ ଦୂବଘାସ ,କଅଁଳ ଆମ୍ବପତ୍ର , କଅଁଳ ନିମ୍ବପତ୍ର , କଅଁଳ ସବାଇଘାସ]

Q7. ପ୍ରସଙ୍ଗ ଅନୁଯାୟୀ ୧୦୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ । [5]

'ଅଜାଗା ଘା, ଦେଖି ହୁଏ ନାହିଁ କି ଦେଖାଇ ହୁଏ ନାହିଁ' ।